OPEN ACCESS

*Int. Jr. of Contemp. Res. in Multi.* ***PEER-REVIEWED JOURNAL*** *Volume 4 Issue 4 [Jul-Aug] Year 2025*

I J C R M

International Journal of Contemporary Research In Multidisciplinary

***Research Article***

# ବିଷାଦ ଓ ମୁକ୍ତିର ଅମୃତ ସ୍ୱାକ୍ଷର: ପ୍ରତିଭା ଶତପଥୀଙ୍କ 'ନିମିଷେ ଅକ୍ଷର'

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20580485

**ସାରାଂଶ**

ଆଧୁନିକ ଓଡ଼ିଆ କାବ୍ୟ-ଜଗତର ଅନନ୍ୟ ପ୍ରତିଭାଦୀପ୍ତ କବୟିତ୍ରୀ ପ୍ରତିଭା ଶତପଥୀଙ୍କ ୧୯୮୫ ମସିହାରେ ପ୍ରକାଶିତ କବିତା ଗ୍ରନ୍ଥ 'ନିମିଷେ ଅକ୍ଷର' ଏକ କାବ୍ୟିକ ଉତ୍ତରଣର ଚମତ୍କାର ନିଦର୍ଶନ । ଏହି ପ୍ରବନ୍ଧରେ ସଂକଳନର ପ୍ରମୁଖ ୩୩ଟି କବିତା ମଧ୍ୟରେ ଥିବା ବାସ୍ତବବାଦୀ ସମୟ ଚେତନା, ଅସ୍ତିତ୍ୱବୋଧ ଏବଂ ଆଧ୍ୟାତ୍ମିକ ରୋମାଣ୍ଟିକ୍ ଭାବଧାରାର ଆଲୋଚନା କରାଯାଇଛି । କବୟିତ୍ରୀଙ୍କ ପୂର୍ବ କୃତି 'ନିୟତ ବସୁଧା'ର ମାଟିମଗ୍ନତା କିପରି 'ନିମିଷେ ଅକ୍ଷର'କୁ ଆସି ଏକ ଊର୍ଦ୍ଧ୍ୱମୁଖୀ ଚେତନାରେ ରୂପାନ୍ତରିତ ହୋଇଛି, ତାହା ଏଠାରେ ଦର୍ଶାଯାଇଛି । ଗୋଟିଏ ପାର୍ଶ୍ୱରେ ସଂସାରର କାମନା, କଷଣ, ନିଃସଙ୍ଗତା ଓ ମୃତ୍ୟୁ ଜର୍ଜରିତ ଜୀବନର ପାର୍ଥିବ ବିଷାଦ ଏବଂ ଅନ୍ୟ ପାର୍ଶ୍ୱରେ ପରମସତ୍ତାଙ୍କ ନିକଟରେ ଆତ୍ମସମର୍ପଣ ଜନିତ ମୁକ୍ତିର ସମ୍ମୋହନ- ଏହି ଦୁଇ ବିପରୀତମୁଖୀ ଚେତନାର ସମନ୍ୱୟରେ ସମଗ୍ର କବିତାଗୁଡ଼ିକ ଋଦ୍ଧିମନ୍ତ । ଶବ୍ଦର ଅମରତ୍ୱ ଏବଂ ଐଶ୍ୱରୀୟ କୃପାର ଚରିତାର୍ଥତା ମଧ୍ୟରେ କବି ନିଜର ଅହଂକାରକୁ ବିଲୟ କରି ମୃତ୍ୟୁକୁ ଜୟ କରିବାର ମହାମନ୍ତ୍ର ଏହି ସଂକଳନରେ ପ୍ରତିପାଦନ କରିଛନ୍ତି ।

**Manuscript Information**

- **ISSN No:** 2583-7397
- **Received:** 02-07-2025
- **Accepted:** 26-08-2025
- **Published:** 30-08-2025
- **IJCRM:**4(4); 2025: 789-794
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ବିଷାଦ ଓ ମୁକ୍ତିର ଅମୃତ ସ୍ୱାକ୍ଷର: ପ୍ରତିଭା ଶତପଥୀଙ୍କ 'ନିମିଷେ ଅକ୍ଷର'. Int J Contemp Res Multidiscip. 2025;4(4):789-794.

**Access this Article Online**

www.multiarticlesjournal.com

**କୀ-ଶବ୍ଦ:** ଅଧୁନିକକବିତା, ପ୍ରତିଭାଶତପଥୀ, 'ନିମିଷେ ଅକ୍ଷର', ଉତ୍ତରଣ ଚେତନା, ପାର୍ଥିବ ବିଷାଦ.


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

ଆଧୁନିକ ଓଡ଼ିଆ କବିତା ରଚନାରେ ପ୍ରତିଭା ଶତପଥୀ ବାସ୍ତବରେ ଜଣେ ପ୍ରତିଭାଦୀପ୍ତ ଲେଖିକା-ଏହା ନିଃସନ୍ଦେହ । କବିତା ରଚନା କରିବାରେ ତାଙ୍କ ଲେଖନୀ ଯେପରି ଚଳଚଞ୍ଚଳ; ସମାଲୋଚନାତ୍ମକ ପ୍ରବନ୍ଧ ଲେଖିବାରେ ସେପରି ଧୂରୀଣ । ତାଙ୍କ କବିତା-ଜୀବନ ଓ ଜଗତକୁ ନିରୁତା ଭଲ ପାଇବାର ଆବେଗରେ ତରଙ୍ଗାୟିତ । ପ୍ରକାରାନ୍ତରେ ସାଂପ୍ରତିକ ମଣିଷର ଅବଚେତନ ସ୍ତରରେ ଥିବା ଚିନ୍ତା ଚେତନା, ଭାବ ଓ ଭାବନାକୁ ଖୋଜି ବାହାର କରି ତାକୁ କାବ୍ୟ ରୂପ ଦେବାରେ କବୟିତ୍ରୀ ଶ୍ରୀମତୀ ଶତପଥୀ ଯେ ଏକାନ୍ତ ସମର୍ଥ- ଏକଥା ତାଙ୍କର ଯେକୌଣସି ଶ୍ରଦ୍ଧାଶୀଳ ପାଠକ ସ୍ଵ ସ୍ୱୀକାର କରିବେ । "ସେ ସ୍ଵକାଳ ସଚେତନ ବାସ୍ତବବାଦୀ ପ୍ରଶ୍ନମନସ୍କା ଜଣେ ଆଧୁନିକ କବି ସନ୍ଦେହ ନାହିଁ । ତେବେ ତାଙ୍କର ସୌନ୍ଦର୍ଯ୍ୟ ଚେତନ ଆଧ୍ୟାତ୍ମିକ କବି ମନଟି କେଉଁଠି ରୋମାଣ୍ଟିକ୍ ଚେତନା ମୁକ୍ତ ରହିପାରି ନାହିଁ । ତେଣୁ ତାଙ୍କ କାବ୍ୟ ଜଗତ ବିମିଶ୍ର ଭାବର ଜଗତ । ସେଠି ଏକ ପକ୍ଷରେ ଯେପରି ରହିଛି ରିକ୍ତ, ରୁକ୍ଷ, ବିବର୍ଣ୍ଣ ପାରିପାର୍ଶ୍ୱିକତାର ସୁକଠୋର ଅଭିଶାପ । ଠିକ୍ ସେପରି ଅନ୍ୟ ପକ୍ଷରେ ଅଛି ସ୍ୱପ୍ନମୟ ଏକ ସୁନ୍ଦର ଜଗତର ସୁମଧୁର ଆକର୍ଷଣ ।'' (ଦାସ, ଦାଶରଥୀ- ପ୍ରତିଭା: ଧୂଳିରୁ ନକ୍ଷତ୍ର, ୨୦୧୧, ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ବର, ପୃଷ୍ଠା. ୭୦) ଗୋଟିଏ ପାର୍ଶ୍ୱରେ ବିଷାଦର ମାର୍ମିକ ଆବେଦନ ଏବଂ ଅପରପାର୍ଶ୍ୱରେ ମୁକ୍ତିର ସମ୍ମୋହନ କିପରି ତାଙ୍କର ଅନନ୍ୟ କବିତା ଗ୍ରନ୍ଥ 'ନିମିଷେ ଅକ୍ଷର'କୁ ପରିପୁଷ୍ଟ କରିଛି ତାହା ବିଚାର୍ଯ୍ୟ ।

ବସ୍ତୁତଃ 'ନିମିଷେ ଅକ୍ଷର' ପ୍ରତିଭା ଶତପଥୀଙ୍କ ଅନ୍ୟତମ ପ୍ରତିଶ୍ରୁତିବଦ୍ଧ ସାରସ୍ୱତ କୃତି । ସମଗ୍ର ୩୩ଟି କବିତାକୁ କୋଳରେ ଧରି ୧୯୮୫ ମସିହାରେ ଏହା ଲୋକଲୋଚନକୁ ଆସିଥିଲା । ଏକଥା ସ୍ବୀକାର୍ଯ୍ୟ ଯେ, ଆଲୋଚ୍ୟ ସଂକଳନର ବୌଦ୍ଧିକତା ସଂପନ୍ନ ପୃଷ୍ଠବନ୍ଧଟି ଏହାକୁ ଅନନ୍ୟ କରି ଗଢ଼ି ତୋଳିବାରେ ସହାୟକ ହୋଇଛି । ସଂକଳନର ମୁଖବନ୍ଧ ଏବଂ ପୃଷ୍ଠବନ୍ଧ ଦୁଇଟି ଭିତରେ ସମସ୍ତ କବିତାର ଜୀବନ୍ତ ଭାବକୁ ଜଳଜଳ ଦେଖୁହୁଏ । 'ନିମିଷେ ଅକ୍ଷର'ରେ ପ୍ରତିଫଳିତ ସମୟ ଚେତନା ପ୍ରାୟ କୌଣସି ସମକାଳୀନତା ନୁହେଁ- ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏ ତିନିକାଳ ଗୋଟିଏ ସୂତ୍ରରେ ବନ୍ଧା । ବର୍ତ୍ତମାନଟି ଅନୁଭବ ପାଇଁ ସେତୁ କିନ୍ତୁ ତାହା ସାଂପ୍ରତିକତା ନୁହେଁ । 'ନିମିଷେ ଅକ୍ଷର'ରେ ଅସ୍ତିତ୍ୱ ମହିମ୍ନ ହେବାର ପ୍ରୟାସ ଓ ପରିଣତି ପ୍ରତିଫଳିତ । ନିଜେ ଆକାଶମୟ ହୋଇଯିବା ଏବଂ ଆକାଶକୁ ନିଜ ଭିତରେ ଧରି ରଖିବାର ପରିକଳ୍ପନା ନିଶ୍ଚିତ ଭାବେ ଏକ ଉଚ୍ଚତର ଓ ଅସାଧାରଣ ମାନସିକତା । ଜାଗତିକ କଷ୍ଟକୁ ଆପଣା ଭିତରେ ଭୋଗି, ଗ୍ରହଣ କରି କବିସତ୍ତା ଅତ୍ୟନ୍ତ ମାଟିମନସ୍କ । ଦୃଶ୍ୟର ମୋହ କମ୍ ନୁହେଁ । ମାଟିର ଦାବି ଓ ଆକର୍ଷଣ ଅଳ୍ପ ନୁହେଁ । ଏହା ଏକ ପର୍ଯ୍ୟାୟର ସତ୍ୟ, ଶେଷ କଥା ନୁହେଁ । ବ୍ୟକ୍ତି ବା କବିସତ୍ତା ପାଇଁ ସାଧାରଣ ଜୀବନ ବିତାଇବା ଏକ ଅବଧାରିତ ନିୟତି । ବ୍ୟକ୍ତିସତ୍ତାର ସନ୍ତୋଷ ଓ ବିବର୍ତ୍ତନ ସେତିକିରେ ସୀମାବଦ୍ଧ ନୁହେଁ । ପୃଥିବୀକୁ ଭଲ ପାଇବାର ବାସନା ଅଳ୍ପ ଆନ୍ତରିକତାର କଥା ନୁହେଁ; ଏହା ସ୍ପର୍ଦ୍ଧା ଓ ଅନୁରାଗର କଥା । କାମନା, କଷଣ ଓ ମୃତ୍ୟୁ ଜର୍ଜରିତ ସତ୍ତା ସବୁକାଳେ ମୁକ୍ତି ବା ଉତ୍ତରଣ ଲୋଡ଼େ । ମହତ୍ତର ବା ସମ୍ଭ୍ରାନ୍ତ (Dignified) ଓ ଆଲୋକିତ ହେବା ତା'ର ଆକାଙ୍କ୍ଷା । ଚେତନାର ଦିବ୍ୟ ସ୍ଫୁରଣ ହେବା ସେ କାମନା କରେ । ପ୍ରତିଭାଙ୍କ କବିସତ୍ତାଟି ଏଣୁ ଅପସରୀ ଓ ଦେବୀ ହେବାର ବାସନା ପୋଷଣ କରିଛି । ଏହି ମହତ୍ତମ ଓ ଦିବ୍ୟ ହେବା କାମନା ଭିତରେ ନିଜର ଅପୂର୍ଣ୍ଣତା, ଜଞ୍ଜାଳ ଯାତନାକୁ ସେ ଅତିକ୍ରମ କରିଛନ୍ତି । (ପାଣ୍ଡବ, ଡଃ ଶତ୍ରୁଘ୍ନ, ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା, ୧୯୯୮, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପୃ. ୨୦୩) ଆପାତତଃ ୧୯୮୦ ମସିହାରେ ପ୍ରକାଶ ପାଇଥିବା କବୟିତ୍ରୀଙ୍କ 'ନିୟତ ବସୁଧା'ର ମାଟି ମଗ୍ନତା 'ନିମିଷେ ଅକ୍ଷର'ରେ ଏକ ଉତ୍ତରଣ ଚେତନାରେ ରୂପାନ୍ତରିତ ହୋଇଥିବା ଜଣାଯାଏ । ପ୍ରକାରାନ୍ତରେ ପୂର୍ବ ସଂକଳନର ମାଟି ଓ ଆକାଶ ପ୍ରବଣତା ସହିତ ପୃଥ୍ୱୀସମ ଯନ୍ତ୍ରଣାକୁ ଅଂଗୀକାର କରିବାର ବିଶ୍ୱାସବୋଧ କ୍ରମଶଃ ପରମସତ୍ତାଙ୍କ ସହିତ ସମ୍ପର୍କ ଯୋଡ଼ିବାର ତନ୍ମୟତାରେ ପରିଣତ ହୋଇଛି । ଏହାକୁ କବି ସତ୍ତାର ଉତ୍ତରଣ କହିଲେ ସତ୍ୟର ଅପଳାପ ହେବନାହିଁ । ଏହି ଚେତନାଟି ଉତ୍ତରଣ ଭାବ ସମ୍ବେଗରେ ମହିମୋଜ୍ଜ୍ୱଳ । ସସୀମ ମଧ୍ୟରେ ଅସୀମର ଅନୁସନ୍ଧାନ, ଦୃଶ୍ୟ ମଧ୍ୟରେ ଦୃଶ୍ୟାନ୍ତରର ଉପଲବ୍ଧି, ମାଟି ଓ ଆକାଶ ସହ ଆତ୍ମୀକରଣ ନେଇ ଏହି ଉତ୍ତରଣ ପ୍ରୟାସ ସମୃଦ୍ଧ । ଗୋଟିଏ ଦିଗରେ ମାଟି ଏବଂ ଅନ୍ୟଦିଗରେ ମୁକ୍ତିର ଅନୁଭବରେ ଆଲୋଚ୍ୟ ସଂକଳନର ସମସ୍ତ କବିତା ଉବୁଟୁବୁ ହେଉଥିବା ଜଣାଯାଏ । ଏହି ଗ୍ରନ୍ଥର ପୃଷ୍ଠବନ୍ଧ – 'କବିର ଭାଗ୍ୟ' ପର୍ଯ୍ୟାୟରେ ସ୍ୱୟଂ କବୟିତ୍ରୀ କହନ୍ତି– "ମୃତ୍ୟୁ କ'ଣ ? ଅମରତ୍ୱ ବା କ'ଣ ? ଅମୃତ ପ୍ରୟାସୀ ସତ୍ତା ମୃତ୍ୟୁକୁ ଅସ୍ୱୀକାର କରେନା, ଅତିକ୍ରମ କରିଯାଏ– ମୃତ୍ୟୁ ସହ ନିବିଡ଼ ପରିଚୟରୁ ମୃତ୍ୟୁକୁ ଅତିକ୍ରମ କରିଯିବାରେ ସେ ସମର୍ଥ ହୁଏ । ମୃତ୍ୟୁର ଆରପାରିଟା ତା' ଆଖିରେ ଜଳଜଳ ଦିଶିଯାଏ । ସେହି ବର୍ତ୍ତମାନ ଜଗତ୍ ଯେ ଚିର ବର୍ତ୍ତମାନ ତା' ବୁଝିଯିବାରେ ଆଉ ବାଧା ନଥାଏ ।"(ଶତପଥୀ, ପ୍ରତିଭା, ନିମିଷେ ଅକ୍ଷର, ୧୯୮୫, ବିଦ୍ୟାପୁରୀ, କଟକ, ପୃଷ୍ଠବନ୍ଧ, ପୃଷ୍ଠା:୧୧୦-୧୧୧)

ବାସ୍ତବରେ କବୟିତ୍ରୀଙ୍କ ଏହି ଉତ୍ତରିତ ଚେତନା ଅସୀମ ଓ ଅନନ୍ତ । ଆରୋହଣର ଏହି ଚୂଡ଼ାନ୍ତ ପର୍ଯ୍ୟାୟକୁ ଚିହ୍ନଟ କରିବା ଧୃଷ୍ଟତା ମାତ୍ର। କାରଣ ନିଜ ଭିତରେ ଅପସରୀର ଅସ୍ତିତ୍ୱକୁ ଖୋଜିବା ତଥା ସାଂସାରିକ ଜୀବନର ବନ୍ଧନରୁ ମୁକ୍ତି ଖୋଜି ଏକ ମହାର୍ଘ୍ୟ ଚେତନାର ପ୍ରତିବେଦନ ସହିତ ନିଜକୁ ସଂଯୁକ୍ତ କରିବାରେ ଥାଏ ଏହି ଉତ୍ତରଣର ଯଥାର୍ଥତା । ସୁତରାଂ ଉତ୍ତରଣ ଦୃଷ୍ଟିରେ ଦେଖିଲେ କବିର ଅନୁଭବରେ ସୃଷ୍ଟି ହୁଏ ଏ ବିବର୍ତ୍ତନର ଶିହରଣ; ଭାଙ୍ଗିପଡ଼େ ନିଜ ଭିତରେ ଥିବା ସମସ୍ତ ହୀନ ପଣିଆର ଖୋଳପା । ସମସ୍ତ ଏକାକୀପଣର ଅନ୍ଧକାର କ୍ଷଣିକ ଭିତରେ ଦୂରେଇ ଯାଇ, ତା' ସ୍ଥାନରେ ଆଚ୍ଛନ୍ନ ହୋଇଯାଏ ସକାଳର ଶୁଦ୍ଧ, ଶୁଭ୍ର ଜ୍ୟୋତିର ମହମହ ଆସ୍ତରଣ । କବି ତେଣୁ ନିଜର ନାରୀତ୍ୱ ଉପରେ ଅପସରୀର ଅସ୍ତିତ୍ୱ ଆରୋପିତ କରି କହନ୍ତି-

"ଅପସରୀ, ତୁ ମୋର ଦ୍ୱିତୀୟ ଅସ୍ତିତ୍ୱ ନୁହଁ ତ?
ଯାହାକୁ ସ୍ୱୀକାର କଲେ
ଆଖି ଦେଖା ଦୁନିଆର ଯେତେ ଜନ ପ୍ରାଣୀ
ସକଳ ଅଦୃଶ୍ୟ ହୁଏ, ଖୋଲିଯାଏ ଅକାଳ ଅନ୍ଧାର
ପାହାନ୍ତି ପହର
ଟପ୍ ଟପ୍ କୁହୁଡ଼ି ମଧ୍ୟରେ
ଭାରି ଏକା ଏକା ପଣ ।" (ଉଷାଭିଳାଷ)

ପକ୍ଷାନ୍ତରେ ଅନ୍ୟତମ କବିତା 'ଜଡ ଭରତ' ଆଲୋଚନାର ଅପେକ୍ଷା ରଖେ । ଜୀବନର ନିମିତ୍ତତା ମଧ୍ୟରେ କବି -ହୃଦୟ ସତେ ଯେପରି ଜଡ ସଦୃଶ । ଶବ୍ଦ ବ୍ରହ୍ମ ମଧ୍ୟରେ ଅସୀମତାକୁ ଅନୁଭବ କରିବାର ପ୍ରୟାସ କବିତାଟିର ପ୍ରତି ଶବ୍ଦରେ ସ୍ପନ୍ଦିତ । କବି ସତେ ଯେପରି ଅନୁଭବିଛନ୍ତି ଶବ୍ଦ ମଧ୍ୟରେ ନିଃଶବ୍ଦର ସ୍ୱର । ସେ ସ୍ୱର କାହାର ? ଶବ୍ଦ ନା ବ୍ରହ୍ମର ? ସେ ନିଃଶବ୍ଦ ସ୍ୱରଟି ଈଶ୍ୱରଙ୍କ ବ୍ୟତୀତ ଆଉ ବା କାହାର ହୋଇପାରେ ? ତେଣୁ ତାଙ୍କ ନିକଟରେ ସବୁ ପାର୍ଥିବତା ନିମିତ୍ତରେ ପରିଣତ ହୋଇଯିବା ସ୍ୱାଭାବିକ । ପରମସତ୍ତାଙ୍କ ସପ୍ରେମ ବନ୍ଧନରେ ସେ ଭୁଲିଯାଆନ୍ତି ପାର୍ଥିବ ସୁଖ ସୌଭାଗ୍ୟ । ଶବ୍ଦର ସତ୍ୟବୋଧରେ ସେ ଆଚ୍ଛନ୍ନ ହୋଇଯାଉଥିବା ଅନୁଭବ ହୁଏ । କବିଙ୍କର ଏହି ଅନୁଭବଟି ଶବ୍ଦରୂପ ନେଇ ନିମ୍ନମତେ ପ୍ରକାଶ ପାଇଛି । ଯଥା-

"ଈଶ୍ୱରଙ୍କ ମହାକଳ୍ପନାର
ଶ୍ରେୟାଂଶ ଭିତରୁ
ସେ କ'ଣ ପ୍ରକଟି ଆସେ


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଆମେ ସବୁ ନିମିତ୍ତ ମାତର ?" (ଜଡ଼ ଭରତ)

କେବଳ ସେତିକି ନୁହେଁ, କବୟିତ୍ରୀ ବେଳେ ବେଳେ ଶବ୍ଦକୁ ନପାଇ ଆପଣାର ଅପାରଗତାକୁ ଦୋଷାରୋପ କରିଥାଏ । ଫଳରେ ସ୍ୱୀୟ ଖର୍ବତାକୁ ସ୍ୱୀକାର କରିବାକୁ ବାଧ୍ୟ ହୁଏ । ଆପଣାର ମନେ ହେଉଥିବା ସମସ୍ତ ମଣିଷ, ସମସ୍ତ ଜିନିଷ କ୍ଷଣିକ ମଧ୍ୟରେ ତା' ପାଇଁ ହୋଇଯାଆନ୍ତି ସାତପର; ସବୁ ଚିହ୍ନା ହୋଇଯାଆନ୍ତି ଅଚିହ୍ନା । ଏହା କବିର ନିଃସ୍ୱତା ହୋଇପାରେ କିମ୍ବା ଶବ୍ଦ ରୂପକ କୃଷ୍ଣକୁ ନ ପାଇବାର ବିଷାଦବୋଧ ମଧ୍ୟ ହୋଇପାରେ । ସେ ଯଶୋଦାଙ୍କ ପରି ଯଦି ହୁଅନ୍ତି ଶବ୍ଦ-କୃଷ୍ଣକୁ କବିତ୍ୱର ରଜ୍ଜୁରେ ବାନ୍ଧି ରଖିବାକୁ ତେବେ ବାନ୍ଧିବା ସମ୍ଭବ ହେଉ ବା ନହେଉ; କିନ୍ତୁ ଧନ୍ଦି ହେବାଟା ଯେ ଏକାନ୍ତ ସତ୍ୟ- ଏଥିରେ ସନ୍ଦେହ ନ ଥାଇପାରେ । ତେଣୁ କବୟିତ୍ରୀ ପ୍ରତିଭା କହିଛନ୍ତି-

"କେଡ଼େ ବିପୁଳ କେଡ଼େ ଅସମ୍ଭବ ଦେଖ ତ
ସହସ୍ରେ ଦଉଡ଼ିବି କୁଳଉ ନାହିଁ ତା'ର ଟିକି ଦିହକୁ । "

(କବିତାର ମାୟା)

ସେହିପରି 'ଗୋପନତମ କଥାଟି' କବିତାଟି କବିଙ୍କ ଏକଲାପଣ ମଧ୍ୟରେ ଶବ୍ଦର ଗାମ୍ଭୀରତାକୁ ଇଂଗିତ କରେ । "ଗୋପନତମ କଥାଟି ତମ ଠାରୁ ଶୁଣିପାରି ନାହିଁ / କିପରି ଶୁଣନ୍ତି କୁହ? / ବହୁତ ଦିନରୁ ଆମେ/ ଭିନ୍ନ ଭିନ୍ନ ଜଗତର ଅଧିବାସୀ / ଯୋଉ ଜଗତରେ / ଶବ୍ଦ ହିଁ ନିଶ୍ଚୁପ ରହେ, / ଅନୁଭୂତି ଅଭିବ୍ୟକ୍ତି / ମୁକ ପାଲଟି ଯାଆନ୍ତି / ନିଜ ନିଜ ଗଭୀର ପଣରେ ।" କବିଙ୍କ ଏହି ବକ୍ତବ୍ୟଟି ଯେତିକି ମର୍ମଭେଦୀ; ତା'ଠୁଁ ଅଧିକ ଗମ୍ଭୀର । ଶବ୍ଦ ନିଶ୍ଚୁପ ରହିଲେ ଅନୁଭୂତି, ଅଭିବ୍ୟକ୍ତି ମୁକ ପାଲଟନ୍ତି; ନା ସ୍ୱୀୟ ଗାମ୍ଭୀର୍ଯ୍ୟ ପଣରେ ଅନୁଭୂତି, ଅଭିବ୍ୟକ୍ତି ଅଟଳ ରହିଲେ ଶବ୍ଦ ସବୁ ଆପେ ଆପେ ନିଶ୍ଚୁପ ରହନ୍ତି- ଏହା ଏ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ । ବିଷାଦ ଏବଂ ମୁକ୍ତିର ଦୋଛକିରେ କବିର ଭାବନା ବାଟ ପାଉନାହିଁ ସତେ ଯେପରି । ସବୁ ସତ୍ତ୍ୱେ ଶବ୍ଦର ଜୟଗାନ କରିଛନ୍ତି କବୟିତ୍ରୀ । ଶବ୍ଦର ଅମରତ୍ୱ ପ୍ରତିପାଦନ କରିବାକୁ ଯାଇ ସେ କହିଛନ୍ତି-

" ତୁମ କଥା ଶୁଣିପାରି ନାହିଁ ବୋଲି
ଶୋଚନା କାହିଁକି ତେବେ ?
ତୁମେ କ'ଣ ଜାଣନାହିଁ ?
କଥା କେବେ ସରେ ନାହିଁ
ଶବ୍ଦ କେବେ ମରି ପାରେ ନାହିଁ ।' "

ବଡ଼ ଚମତ୍କାର କବିଙ୍କ ଏହି ଭାବନା । ନିଃସଙ୍ଗତା ମଧ୍ୟରେ ଶବ୍ଦକୁ ସାଂଗ କରିବାର ଆତ୍ମୀୟତା କବି ବ୍ୟତୀତ ଆଉ ବା କାହା ପାଖରେ, ସମ୍ଭବ ହୋଇପାରେ । ଅନ୍ୟପକ୍ଷରେ 'ସଂପର୍କଟିଏ', 'ବୃକ୍ଷର ମାୟାରେ', 'ପୁଷ୍ପାୟିତ ଋତୁ' ଆଦି କବିତାରେ ମଧ୍ୟ ଉପରୋକ୍ତ ଭାବନାର ସଂଚରଣକୁ ବାରିହୁଏ ।

'ନିଅ, ସବୁତକ ସଫଳତା' କବିତାରେ ପରମପୁରୁଷଙ୍କ ନିକଟରେ କବିଙ୍କ ଆତ୍ମ ସମର୍ପଣ ଭାବଟି କିପରି ପ୍ରତିବିମ୍ବିତ ତାକୁ ଲକ୍ଷ୍ୟ କରାଯାଇପାରେ । ସେହି ସମର୍ପଣ ଭାବ ମଧ୍ୟରେ କବିଙ୍କ ଏକାକୀପଣ, ମୌନତା, ଅସହାୟତା ସବୁ କିଛି କ୍ଷଣିକ ଭିତରେ ହଜିଯାଏ। ମଣିଷ ନିଜକୁ ଯେତେ ସଫଳ ବୋଲି କହିଲେ ମଧ୍ୟ ସ୍ୱୀୟ ଅନ୍ତଃଚେତନାରେ ତା'ର କୂପମଣ୍ଡୁକତ୍ୱ ତାକୁ ଅହର୍ନିଶ ଦଂଶନ କରେ, ବିବ୍ରତ କରେ । କାରଣ ସେ ସ୍ୱୀୟ ଭାବନାରେ ସଂପୂର୍ଣ୍ଣ ହେଲେ ହେଁ, ବାସ୍ତବରେ ସେ ଅସଂପୂର୍ଣ୍ଣ – ଏଥିରେ ଦ୍ୱିମତ ନଥାଇପାରେ । ଏହି ଚିରନ୍ତନ ସତ୍ୟକୁ କବୟିତ୍ରୀ ଆଲୋଚ୍ୟ କବିତା ମଧ୍ୟରେ ଉଲ୍ଲେଖ କରି କହିଛନ୍ତି- "ମୋ ଭିତର ମଣ୍ଡୁକର ଅସହାୟ ସଂକୀର୍ଣ୍ଣତା ।'' ଏହାକୁ କବିଙ୍କ ବିଷାଦବୋଧର ପରିଚୟ ଭାବରେ ସ୍ୱୀକାର କରାଯାଇପାରେ । ଏହି ଅସହାୟତା ବ୍ୟକ୍ତିକ ଜୀବନଚର୍ଯ୍ୟା ମଧ୍ୟରେ ସୀମିତ ନୁହେଁ, ସମଗ୍ର ମଣିଷ ସମାଜର ଅସହାୟତା । ଏହା ମଧ୍ୟରେ ସଂଚରି ଯାଇଛି ସମର୍ପଣ ଭାବର ସଫଳତା । ତେଣୁ ଲକ୍ଷ୍ୟ କରାଯାଏ ଏହି ଅସହାୟତା ଅସ୍ତିତ୍ୱର ରୂପାନ୍ତର ମାତ୍ର । ନିଜକୁ ଅପୂର୍ଣ୍ଣ ମନେ ନକଲେ, ପୂର୍ଣ୍ଣତାର ସାନ୍ନିଧ୍ୟରୁ ବଂଚିତ ହେବାକୁ ହେବ । ସୁତରାଂ କବିସତ୍ତା ମଧ୍ୟରେ ସମ୍ଭବି ଯାଇଛି ଆକାଶ, ଗ୍ରହ, ନକ୍ଷତ୍ର ଓ ବଉଦର ବିଶାଳତା । ଗୋଟିଏ ପାର୍ଶ୍ୱରେ କୂପମଣ୍ଡୁକତ୍ୱର ଅସହାୟତା ଏବଂ ଅନ୍ୟପାର୍ଶ୍ୱରେ ପରମସତ୍ତାଙ୍କୁ ପ୍ରାପ୍ତି ଜନିତ ଭାବପ୍ରବଣତା । ଅର୍ଥାତ୍ ଗୋଟିଏ ଦିଗରେ ପାର୍ଥିବ ବିଷାଦର ବେଦନା ଓ ଅନ୍ୟଦିଗରେ ମୁକ୍ତିର ସମ୍ମୋହନ କବିତାଟିକୁ କରିଛି ଅନନ୍ୟ । ତେଣୁ କବି କବିତାର ଶେଷ ପର୍ଯ୍ୟାୟରେ ନିଜକୁ ନିଃସର୍ତ୍ତ ଭାବରେ ସମର୍ପି ଦେଇ କହିଛନ୍ତି-

"ନିଅ ମୁଁ ସମର୍ପି ଦଉଚି ମୋର
ସବୁତକ ସଫଳତା
ଏଇ ମୁହୂର୍ତ୍ତରେ ।"

(ନିଅ, ସବୁତକ ସଫଳତା)

ଏଇ ସମାନ ଭାବନା ଅନ୍ୟତମ କବିତା 'ଆକାଶ ପୃଥିବୀ'ରେ ମଧ୍ୟ ପ୍ରତିଫଳିତ ହୋଇଥିବା ପରିଦୃଷ୍ଟ ହୁଏ । ଆକାଶର ଅନନ୍ତତାରେ ପୃଥିବୀ ନିଜକୁ ସମର୍ପି ଦେଇ ପାଇଛି ପରମ ତୃପ୍ତି । ସେହି ତୃପ୍ତି କେବଳ ଅନୁଭବ୍ୟ, କିନ୍ତୁ ଅପ୍ରକାଶ୍ୟ । "ଆକାଶ ଯଦିବା କେବେ ନଇଁଆସେ / କହେ, ପୃଥିବୀ ଗୋ ! / ତୁମ କୋଳରେ ମତେ ସ୍ଥାନ ଦିଅ ଟିକିଏ । / ତା' ହେଲେ କ'ଣ ହେବ ଉତ୍ତର, ପୃଥିବୀର ?" ଏ ପ୍ରଶ୍ନ କାହାର ? କବିଙ୍କର ନା ପୃଥିବୀର ? ପୃଥିବୀର ପ୍ରଶ୍ନ ମଧ୍ୟରେ ସଂଗୋପିତ ଅଛି କବୟିତ୍ରୀଙ୍କ ପ୍ରଶ୍ନ- ଏହା ନିଃସନ୍ଦେହ । ବଡ଼ ଚମତ୍କାର ଉତ୍ତର । ଯାହା ମଧ୍ୟରେ ସମର୍ପଣ ଭାବର ଅମୃତ ସ୍ୱାକ୍ଷର ଜଳ ଜଳ ଦିଶୁଥାଏ । ଯଥା-

"ତୁମରି ଭିତରେ ବୁଡ଼ି ରହିଛି
ମୋର ଅସ୍ତିତ୍ୱ-
ମୁଁ କିଏ?
ତୁମରି ସାମାନ୍ୟ ଅଂଶଟିଏ ତ!"

(ଆକାଶ ପୃଥିବୀ)

ଅପରନ୍ତୁ ଆଲୋଚ୍ୟ ସଙ୍କଳନସ୍ଥ 'ସହାନୁଭବ' କବିତାରେ ମଧ୍ୟ କବିଙ୍କ ଏହି ଉତ୍ତରଣମୁଖୀ କବିସତ୍ତାକୁ ଅନୁଭବ କରାଯାଏ । ନିତ୍ୟନୈମିତ୍ତିକ ଜୀବନର ଦୁଃଖ, ଦୁର୍ଭାଗ୍ୟ, ଅନ୍ଧାର, ପାପ ଓ ଲୁହ ସବୁ ସମର୍ପିତ ହୋଇଯାଏ ସେହି କରୁଣାମୟଙ୍କ ନିକଟରେ । ଖୋଲିଯାଏ ଶୃଙ୍ଖଳ ତଥା ଜୀବନର ସମସ୍ତ ବନ୍ଧନ । ନିମିଷକ ମଧ୍ୟରେ ସବୁ ବିଷାଦ, ଜଞ୍ଜାଳର କଳାମେଘରୁ ମୁକ୍ତି ପାଏ ଆଲୋକର, ଆନନ୍ଦର, ସୁନ୍ଦର ସୂର୍ଯ୍ୟ । ଭାଗ୍ୟ ଏବଂ ଭବିତବ୍ୟର ଦୁଃଖମୟ ଜୀବନ ମଧ୍ୟରୁ ମୁକୁଳି ଯାଏ ଶାଶ୍ୱତ ଜୀବନର ଚିନ୍ତନ । ନିୟତି ଠାରୁ ମୁକୁଳି ଯିବାର ମହାଆନନ୍ଦରେ ପୁଲକିତ ହୋଇଯାଏ କବିତ୍ୱ ନିମିଷକ ମଧ୍ୟରେ । ପତନର ଦୁର୍ଗରୁ ମୁକ୍ତି ପାଇଥିବା ମଣିଷଟି ମନରେ ସତେ କେତେ ଆନନ୍ଦ । ବିଷାଦ ବୋଲି ତା'ର ଆଉ ବା କ'ଣ ଅଛି ଯେ ? କବୟିତ୍ରୀ 'ତମେ' ଶବ୍ଦ ମଧ୍ୟରେ ଆଲୋଚ୍ୟ କବିତାରେ ସେହି ଦିବ୍ୟସତ୍ତାକୁ ଅନୁଭବ କରିଥିବା କୁହାଯାଇପାରେ । ଯଥା-

"ତମେ ଯଦି ମୋ ନିୟତି, ନିୟତିର ନିଷ୍ଠୁରତା
ତମେ ଯଦି ଅସ୍ତିତ୍ୱର ମୋର
ଅବିନାଶୀ ସୁଗନ୍ଧ ଓ
ପରମ କାରୁଣିକ ମୋ ନିୟତି-ବିଜେତା


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଆଉ ଅନ୍ଧ ହେବି ନାହିଁ ଦୁଃଖରେ ଶୋକରେ
ଯେହେତୁ ମୋ ଲୁହ ଝରି ଯିବ
ଛଳ ଛଳ ତମରି ଆଖିରେ ।" (ସହାନୁଭବ)

ସୁତରାଂ ବିଷାଦବୋଧରୁ ମୁକ୍ତି ପ୍ରୟାସ ପରିପ୍ରେକ୍ଷୀରେ ଉପରୋକ୍ତ ଉଦ୍ଧୃତାଂଶଟିର ଆବେଦନ କେତେ ହୃଦୟଗ୍ରାହୀ ତାହା ସହଜରେ ଅନୁମେୟ । କାରଣ ପରମସତ୍ତାଙ୍କ ପାଖରେ ନିଜକୁ ସମର୍ପି ଦେବା ପରେ ବିଷାଦ ବୋଲି ମଣିଷ ଆଖିରେ ଆଉ କିଛି ନଥାଏ । ମୁକ୍ତିର ମାଧୁର୍ଯ୍ୟରେ ତା'ର ଅସ୍ତିତ୍ୱ ଲୋପ ପାଇ ଯାଇଥାଏ । ତେଣୁ ସମର୍ପିତ ଜୀବନ ଯେ ତା' ପାଇଁ ପରମ ଏବଂ ଚରମ ଶ୍ରେୟ ଏହା ନିର୍ବିବାଦୀୟ ସତ୍ୟ । 'ମରୀଚିକା' କବିତାରେ ମଧ କବି ସେହି ଏକା କଥା ଉଲ୍ଲେଖ କରିଛନ୍ତି । ଏ ସଂସାର ଏକ ମରୀଚିକା । ଆଖିରେ ଅନ୍ଧ ପୁତୁଳି ବାନ୍ଧି ଖରା, ଶୋଷ, ସ୍ୱେଦ ଓ ଅବସାଦର କଣ୍ଟକମୟ ଜୀବନ ଭିତରେ ସନ୍ତପ୍ତ ମଣିଷ ଭାଗିରଥୀର ଶୀତଳ ସ୍ପର୍ଶ ପରି କେଉଁ ଏକ ଦିବ୍ୟସତ୍ତାର କରୁଣା ଉପଲବ୍ଧି କରିବା ମାତ୍ରେ ବିଷାଦ ବୋଲି ତା' ପାଖରେ ଆଉ କିଛି ରହେ ନାହିଁ । ଏକ ନିଆରା ସ୍ପନ୍ଦନର ସ୍ପର୍ଶରେ ସ୍ପନ୍ଦିତ ହୋଇଯାଏ ତା'ର ଅନ୍ତଃଚେତନ । ତେଣୁ ସେ କହେ-

''ଭାଗିରଥୀ ସ୍ରୋତ କାହିଁ ଫିଟି ପଡୁଛି କି ?
ଶୂନ୍ୟ ଦ୍ରବୀଭୂତ ହେଇ ବୋହି ଆସୁଅଛି,
ମୃତ ସଂଜୀବନୀ କିଏ ଭଜାରୁଛି
ଦରପୋଡ଼ା ହାଡ଼ ଓ ପାଉଁଶ
ଆସଂଯିତ, ସ୍ପନ୍ଦିତ ହେଉଛି ।'' (ମରୀଚିକା)

ବାସ୍ତବରେ ଏହି ବିଷାଦବୋଧ ଯେତିକି ଚମତ୍କାର; ତା'ଠୁଁ ଅଧିକ ଚମତ୍କାର ମୁକ୍ତିର ନିରବଧି ପ୍ରୟାସ ।

ସ୍ୱପ୍ନର ଇଲାକାରେ ପ୍ରଜାପତିର ଡେଣା ବାନ୍ଧି ଘୁରି ବୁଲୁଥିବା ମଣିଷଟି ଅପ୍ରାପ୍ତିର ତୀବ୍ର ଯନ୍ତ୍ରଣାରେ ଆକ୍ରାମାକ୍ରା ହେବାପରେ ଖୋଜିଥାଏ ମୁକ୍ତିର ପଥ । ସେତେବେଳେ ହିଁ ଅନୁଭବ କରେ ସେ ବହୁ ଦିନରୁ ଖୋଜୁଥିବା ଅଦୃଶ୍ୟ ଶକ୍ତିଟି ତା' ସମ୍ମୁଖରେ ଦଣ୍ଡାୟମାନ । ଏହି ଖୋଜିବା ପ୍ରୟାସଟି ଗଛର ଚେର ଅନ୍ଧକାର ମଧ୍ୟରେ ମାଟି ତଳେ, ପଥର ସଂଧିରେ ବୁନ୍ଦାଏ ପାଣିର ଅନୁସଂଧାନ କରିବା ସହିତ ସମାନ । ପଥରର କର୍କଶତା ପାଖରେ ଚେର ବାରମ୍ବାର ଛିଣ୍ଡିଯିବା ପରି, ସାଂସାରିକ ଜଂଜାଳରେ ମଣିଷଟି ବହୁବାର ରକ୍ତାକ୍ତ ହୁଏ । ତଥାପି ଉଭୟଙ୍କ ଖୋଜିବାରେ ଅନ୍ତ ନଥାଏ । ଏହାଠୁଁ ବଳି ବଡ଼ ମୁକ୍ତି ପ୍ରୟାସ ଆଉ ବା କ'ଣ ହୋଇପାରେ ? 'ଉଜାଗର ସ୍ୱପ୍ନ ଦେଖା' କବିତା ଆଧାରରେ ଏହାର ଯଥାର୍ଥତାକୁ ପ୍ରମାଣ କରାଯାଇ ପାରେ । ଯଥା—

''ଜାଣିଚ ତ ମୋ ଖୋଜିବା
ଚେର ପରି ଅନ୍ଧାରର ଗହୀରକୁ ମାଡ଼ିଯିବା
ପଥର ଢିମାରେ
ବାରବାର ଛିଣ୍ଡିବା ଓ ରକ୍ତସ୍ନାତ ହେବା
ଖରାରେ ଜଳି ପୋଡ଼ିବା, ଅଣ୍ଡଳିବା
ବୁନ୍ଦାଏ ପାଣିକି
ବୁନ୍ଦାଏ ରସକୁ ଯାହା
ଆଜୀବନ ଝୁରି ମରୁଥିବା ।''
(ଉଜାଗର ସ୍ୱପ୍ନ ଦେଖା)

ଏଇ ଖୋଜିବା ପଣ ଅସମାପ୍ତ । କାରଣ ଏହି ଖୋଜିବା ହିଁ ଜୀବନ । ଅନବରତ ଚାଲିବା ଭିତରେ ଆସୁଥିବା ସମସ୍ତ ସ୍ୱପ୍ନ, ସଂଭାବନା, ସୁଖ, ଦୁଃଖ, ଭଲମନ୍ଦ ଦିନେ ନା ଦିନେ ପରିସମାପ୍ତି ହେବ, କିନ୍ତୁ ଏଇ ଖୋଜିବାର ଅନ୍ତ କେଉଁଠି ? କବିତାର ଶେଷରେ କବି ସ୍ୱୀକାର କରିଛନ୍ତି— ''ବୈଶାଖୀ ନଈର / ତୋଫା ବାଲି ଶେଯ ଭିତରର / ସବା ଶେଷ ପାଣି ବୁନ୍ଦାଟିକୁ / ମୁଁ ଏମିତି ଖୋଜି ଲାଗିଥିବି ।'' ଏହି ପରିପ୍ରେକ୍ଷୀରେ Robert Frostଙ୍କ 'Stopping by woods on a snowy Evening' କବିତାକୁ ସ୍ମରଣ କରାଯାଇପାରେ, ଯାହାକି ୧୯୨୨ରେ ରଚିତ ଏବଂ ୧୯୨୩ ମସିହାରେ ପ୍ରକାଶ ପାଇଥିଲା । କବିତାର ଶେଷ ପର୍ଯ୍ୟାୟଟି ଏପରି ଥିଲା -

"The woods are lovely, dark and deep,
But I have promises to keep,
And miles to go before I sleep,
And miles to go before I sleep."

ପ୍ରତ୍ୟେକ ମଣିଷ ଏହି ଅନନ୍ତ ଯାତ୍ରା ପଥର ଜଣେ ପଥିକ ମାତ୍ର । ଯାହାର ପ୍ରମୁଖ କାର୍ଯ୍ୟ ଦିବ୍ୟସତ୍ତାକୁ ହିଁ ଖୋଜିବା । ଜନ୍ମ ଏବଂ ମୃତ୍ୟୁର ଅବଧି ମଧ୍ୟରେ ଖୋଜିବା ଚିରନ୍ତନ ସତ୍ୟ । କିନ୍ତୁ ଏ ଭବ ବନ୍ଧନ, ପ୍ରାପ୍ତି ଅପ୍ରାପ୍ତି ଦିନେ ସମୟର କବଳରେ କବଳିତ ହେବ ଏହା ଧ୍ରୁବ ସତ୍ୟ । କବୟିତ୍ରୀ ପ୍ରତିଭା 'କାକର ଟୋପା' କବିତାରେ ଏହି ସତ୍ୟକୁ ସ୍ୱୀକାର କରିଛନ୍ତି ନିମ୍ନ ପ୍ରକାରେ । ଯଥା–

''କି ପ୍ରତ୍ୟକ୍ଷ ସନ୍ତକ ଯେ
ସାଇତା ହବାର ନୁହଁ କେବେ ହେଲେ
କାକର ଟୋପାଟି ପରି ସତ, ସ୍ୱଚ୍ଛ, ଅଥଚ ତାହାକୁ
ସୂର୍ଯ୍ୟାଲୋକ ପୋଛିଦେବ ଆଉ ଟିକେ ପରେ ।''

ବାସ୍ତବରେ ଆଲୋଚ୍ୟ ସଂକଳନର ସମସ୍ତ କବିତା ଏକ ଉତ୍ତରିତ ଚେତନାରେ ଋଦ୍ଧିମନ୍ତ । ସେହି ଚେତନାଟି ମୁକ୍ତିର ଅନନ୍ୟ ସ୍ୱର ହୋଇପାରେ; ହୋଇପାରେ ମଧ ଈଶ୍ୱରଙ୍କ ସାନିଧ୍ୟ ପାଇଁ ଅବିରତ ପ୍ରୟାସ । ମନୁଷ୍ୟ ସାଂସାରିକ ବନ୍ଧନରେ ଯେତେ ବନ୍ଦୀ ହେଲେ ହେଁ ତା'ର ଅନ୍ତଃଚେତନାରେ ଐଶ୍ୱରୀୟ ସତ୍ତା ପ୍ରତି ଆନୁଗତ୍ୟ ସଂଗୋପିତ ହୋଇ ରହିଥାଏ । କାରଣ ସେ ବିଶ୍ୱାସ କରେ ସେହି ଦିବ୍ୟ ଶକ୍ତିଟି ହିଁ ଜୀବନ, ମୃତ୍ୟୁ, ସୁମହତ ଅହଂକାର, ଏପରିକି ଅତୀତ-ବର୍ତ୍ତମାନ-ଭବିଷ୍ୟତର ଏକ ନିର୍ଭରଯୋଗ୍ୟ ସଂଗମ କ୍ଷେତ୍ର । ସେହି ଦିବ୍ୟସତ୍ତା ଥରେ ଅନୁଭବ ହୋଇଗଲେ ମାନବୀୟ ଅହଂକାର, ଐଶ୍ୱର୍ଯ୍ୟ ସବୁ ଅଳିକ ମନେହେବା ସ୍ୱାଭାବିକ । ଏହାକୁ କବି 'ଅତି ମୃତ୍ୟୁ ମେଡି' କବିତାରେ ପ୍ରକାଶ କରିଥିବା ପରିଲକ୍ଷିତ ହୁଏ । ଯଥା–

''କେଡ଼େ ଝାପ୍‌ସା, ଧୂଆଁଳିଆ ସ୍ଥିତି ତା'ର
ଆକସ୍ମିକ ପରିଚୟ
ପ୍ରାଚୀନ, ଅଥଚ
ଅମାପ ଜଳରାଶିରୁ ଚଳାଟିଏ ପାଣି
ଆହୁରି ଅସ୍ପଷ୍ଟ ପୁଣି ଆକସ୍ମିକ
ତୁମ ଲହଡ଼ି ମଥାର ଫେଣ ମୁକୁଟ ଉପରେ
ବୁଦ୍‌ବୁଦ୍‌ଟିଏ ମୁଁ
କେଡ଼େ ଅଭିମାନୀ।"

ଈଶ୍ୱରଙ୍କ ଅସୀମତା ନିକଟରେ ମଣିଷର ସ୍ଥିତି ସତରେ କେତେ ନ୍ୟୂନ, କ୍ଷୀଣ-ତାହା ଏଥିରୁ ସୁସ୍ପଷ୍ଟ। କିନ୍ତୁ ମଣିଷର ଆତ୍ମାଭିମାନ ତଥା ଆତ୍ମ ଅହଂକାର ତାକୁ ବେଳେବେଳେ ରୁକ୍ଷ ଏବଂ ସ୍ୱାର୍ଥାନ୍ଧ କରିଦିଏ। ଫଳରେ ସେ ଧରାକୁ ସରା ମନେ କରେ। ସବୁସତ୍ତ୍ୱେ ତାକୁ ବୁଝିବାକୁ ହେବ– "ସବୁତକ ରଙ୍ଗ, ଦୃଶ୍ୟ, ଧ୍ୱନିର ବିଲୟ ଅଛି/ ଶେଷ ଅଛି ସକଳ ସମାରୋହର, ଦର୍ପ, ସାମର୍ଥ୍ୟର/ ଚଳମାନ ସମୟର ଆଲୁଅରେ/ ମାଟି କାଦୁଅ ଭିତର ଉତ୍ତୀର୍ଣ୍ଣ ରସଟିଏ ମୁଁ / ତୁମକୁ ଜାଣିଲା ପରେ/ ମୋର କିନ୍ତୁ ମୃତ୍ୟୁ ଆଉ ନାହିଁ" ଏହାତ


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମୃତ୍ୟୁକୁ ଜୟ କରିବାର ଏକ ସର୍ବୋତ୍କୃଷ୍ଟ ମାଧ୍ୟମ। ସର୍ବୋପରି ବିଶ୍ୱ ସାହିତ୍ୟ ଓ ଦର୍ଶନରେ ମୋକ୍ଷ ନିର୍ବାଣ ଚେତନା ଅନାଦି କାଳରୁ ରହିବା ପଛରେ, ଯୁକ୍ତି ପରି ଧରି ଆସିଛି ବଞ୍ଚିବାର ବିବିଧ ଯନ୍ତ୍ରଣାବୋଧ ଆଉ ଶେଷ ଯବନିକା ପରି ମୃତ୍ୟୁର ଅଭେଦ୍ୟ ପାଚିରୀ। ଏହି ପାଚିରୀ ଭାଙ୍ଗି ଆରପଟରେ କ'ଣ ଅଛି ଦେଖିବାର ଲୋଭରେ କବି ଓ ଦାର୍ଶନିକ ସବୁବେଳେ ଅନ୍ୱେଷଣରତ। ଯେଉଁ ଅନ୍ୱେଷଣରେ ମଧ୍ୟ କୌଣସି ଅନ୍ତ ନାହିଁ, ଯେହେତୁ ମଣିଷର ଅନ୍ତ ହୋଇନାହିଁ କୌଣସି ଯୁଗରେ। ଗୋଟିଏ ସଭ୍ୟତାର ମଶାଣିରୁ ଫୁଲ ପରି ଫୁଟି ଆସିଛି ଭିନ୍ନ ଅନ୍ୱେଷଣର ଯନ୍ତ୍ରଣା। ଆଧୁନିକ କବି ଯେହେତୁ ସାରା ମଣିଷ ଜାତି ପାଇଁ ସହଜରେ କଥା କହିପାରୁ ନାହିଁ, ବ୍ୟକ୍ତିର ବିଚିତ୍ରାନୁଭୂତି ମଧ୍ୟରେ ହିଁ ମୃତ୍ୟୁଞ୍ଜୟ ମନ୍ତ୍ର ରଚନା କରୁଛି ସେ ଏବଂ ସ୍ୱକୀୟ ଅନୁଭୂତିର ଉତ୍ତରଣ ପରି ଏକ ପ୍ରତୀକକୁ ଚିହ୍ନିବାର ଚେଷ୍ଟା କରୁଛି। କାହା ପାଇଁ ସେ କୃଷ୍ଣ, କାହା ପାଇଁ ଛୁଇଁ ନ ପାରିବା ଧାରଣାଟିଏ - ସେ ପ୍ରତୀକ। ତା'ର ପରିଚୟ, ତା'ର ସ୍ମୃତିଜ୍ଞାନ ହିଁ ମୃତ୍ୟୁକୁ ଡେଇଁବା ପାଇଁ ଶକ୍ତି ଦିଏ କବିକୁ। ସ୍ଥିତି ଓ ବିଲୟର ମୁଖାନାଚ ପରେ ଚରମ ନୀରବତାର ସଭା ପରି ଉଜ୍ଜ୍ୱଳି ଉଠୁଥିବା ଅକ୍ଷର ହିଁ ମୃତ୍ୟୁକୁ ଡେଇଁବାର ପ୍ରଥମ ସୋପାନ। ପ୍ରତିଭା ଦେବୀ ସେହି ସୋପାନ ପାଖରେ ପହଞ୍ଚିବାର ସଫଳତା ଦେଖି ପାରିଛନ୍ତି। (ମହାନ୍ତି, ଡଃ ପ୍ରଫୁଲ୍ଲ କୁମାର, ନିମିଷେ ଅକ୍ଷର (ପ୍ର), ପ୍ରତିଭା: ଧୂଳିରୁ ନକ୍ଷତ୍ର, ପୃଷ୍ଠା :୧୭)

କବୟିତ୍ରୀ ପ୍ରତିଭାଙ୍କ ଆବେଗମୟତା ପ୍ରତି କବିତାରେ ଖୁଂଦାଖୁଂଦି ହୋଇ ରହିଥାଏ। ନିରୋଳା ଶବ୍ଦ ମଧ୍ୟରେ ସେ ବହୁ ଗଭୀର ବିଷୟକୁ ସୁଦ୍ଧା ସହଜରେ ପ୍ରକାଶ କରିପାରନ୍ତି। ଏକକ ଚେତନା ମଧ୍ୟରେ ଅନେକ ଚେତନାର ସଂଧାନ ତାଙ୍କ କବିପଣିଆର ବୈଶିଷ୍ଟ୍ୟ। ତାଙ୍କ କବିତାକୁ ଅନୁଧ୍ୟାନ ଏବଂ ଅଧ୍ୟୟନ କଲେ ଜୀବନ ଓ ଜଗତକୁ ସେ ନିରୁତା ଭଲ ପାଉଥିବା କଥା ଜଳଜଳ ଦିଶିଯାଏ। ବ୍ୟକ୍ତିର ଜୀବନାନୁଭୂତି ମଧ୍ୟରେ ସାମୂହିକ ଜୀବନର ଆବେଗକୁ ନେଇ ସେ ସୃଷ୍ଟି କରନ୍ତି କବିତା। 'ନିଶବ୍ଦ ଅଭିସାର' କବିତା ଏହାର ଜ୍ୱଳନ୍ତ ସ୍ୱାକ୍ଷର । ସମସ୍ତଙ୍କୁ ଦିନେ ଏ ପୃଥିବୀରୁ ବିଦାୟ ନେବାକୁ ହେବ– ଏଥିରେ ବା ନୂତନତ୍ୱ କ'ଣ ଅଛି। ବନ୍ଧନକୁ ଭାଙ୍ଗି ଦେଇ କାହାର ଇସାରାରେ ବିଦାୟ ନେବା ସ୍ୱାଭାବିକ । ତଥାପି ମାଟିକୁ ଭଲ ପାଇବାର ଆବେଗ ପ୍ରବଣତା ଅନନ୍ୟ । କବି ତେଣୁ ନିଆରା ଢଙ୍ଗରେ କହିଛନ୍ତି-

"ହୃଦୟ ହିଁ ଜହ୍ନରାତି ମୋର
ବ୍ୟାପିଥିଲା ସସାଗରା ଧରା
ରକ୍ତ ମୋର ନଈ ପରି ନାଚୁଥିଲା
ତା' ମଝିରେ ମୋ ଭଲ ପାଇବା
ନୌକା ହେଇ ଭାସୁଥିଲା
କି ଅବୋଧ ଛନ୍ଦଟି ଫୁଟାଇ ।"

ଜୀବନର ଅଳିକତା ମଧ୍ୟରେ ପ୍ରେମର ଆବେଦନ କେତେ ହୃଦୟସ୍ପର୍ଶୀ ସତରେ ରକ୍ତ ନଈଟିଏ କରି, ତା' ଉପରେ ଭଲ ପାଇବାର ନୌକା ଭସାଇବାରେ ପ୍ରେମର ଗଭୀରତାକୁ ସହଜରେ ଅନୁମାନ କରାଯାଇପାରେ । ସେହି ନୌକା ପୁଣି ଗୋଟିଏ ଅବୋଧ ଛନ୍ଦରେ ଭାସୁଥିଲା । ଏକଥା ସ୍ୱୀକାର୍ଯ୍ୟ ଯେ ସେହି ଛନ୍ଦଟି ସମସ୍ତଙ୍କ ପାଇଁ ଅବୋଧ ହେଲେ ହେଁ, କବି ପାଇଁ କିନ୍ତୁ ଏକାନ୍ତ ବୋଧ । ସବୁସତ୍ତ୍ୱେ କବିତାର ଶେଷରେ କବି ସେହି ମୁକ୍ତିର ସଂଧାନ କରିଛନ୍ତି । ଆପାତତଃ ପାର୍ଥିବ ଅନୁଚିନ୍ତାର ତାଡ଼ନାରୁ ମୁକ୍ତି ପାଇଁ ପ୍ରୟାସ କରିଥିବା ମଣିଷ ସର୍ବଦା ଦିବ୍ୟସତ୍ତାକୁ ଏକ ଉଚ୍ଚତମ ସ୍ଥାନରେ ଦେଖିବାକୁ ଚାହିଁଥାଏ । ଗୋଟିଏ ଦିଗରେ ମାଟି-କାଦୁଅର ପୃଥିବୀ ଏବଂ ଅପର ଦିଗରେ ଉଚ୍ଚତମ ସ୍ଥାନରେ ଥିବା ଦିବ୍ୟସତ୍ତା ତଥା ଗୋଟିଏ ଦିଗରେ ବିଷାଦ ଓ ଅନ୍ୟ ଦିଗରେ ମୁକ୍ତି ପ୍ରୟାସ । ତେଣୁ କବି ଉଲ୍ଲେଖ କରିଛନ୍ତି ଯେ-

"ତମେ ଏତେ ଉଚ୍ଚରେ ଯେ ଏତେ ଦୂରରେ ଯେ
ମାଟି, କାଦୁଅର ଏଇ କ୍ଷୟଶୀଳ ପୃଥିବୀଟି ମୋର
ତମକୁ ଚିହ୍ନେ କି ନାହିଁ
ସନ୍ଦେହରେ ପଡ଼ିଯାଏ ମୁଁ ।" (ଅସାମାନ୍ୟ ତମେ)

ଏଇ ସନ୍ଦେହ ବା ଭ୍ରମ ହିଁ ପ୍ରକାରାନ୍ତରେ ଅସଲ ପ୍ରେମକୁ ସାବ୍ୟସ୍ତ କରାଏ, ଯଥା-

"ଝିଲ ପାଣି ଭିତରର ଟହଟହ ଲାଲ କଇଁର ବିମ୍ବଟିଏ ମୁଁ
କେବଳ ପ୍ରତିଫଳନ?
ନା ଅସତ୍ୟର ଭ୍ରମ?
ହେଲେ ତୁମକୁ ପାଇଯିବାର ଭ୍ରମ ହିଁ ମୋର ପ୍ରେମ ।"
(ଅସାମାନ୍ୟ ତମେ)

ପ୍ରକାରାନ୍ତରେ 'ପାଳଭୂତ' କବିତାରେ ସେହି ଏକା  କଥା । ଜୀବନର ସମସ୍ତ ଅନୁଭବ ସତେ ଯେପରି ଏକାନ୍ତ ହାସ୍ୟକର । କବିଙ୍କ ମତରେ ଏ ଜୀବନ ସବୁଜତାହୀନ, ଶୀତଳତାହୀନ, ପ୍ରେମହୀନ, ଏଠି ଖାଲି ଛୁଟୁଥାଏ ଅହର୍ନିଶ ଦୁଃଖର ପଟୁଆର, ଚାରିକଡ଼େ ଘୂରୁଥାଏ ଘୃଣା ଓ ଭୟ ମିଶ୍ରିତ ବିଷାକ୍ତ ପବନ । ତେଣୁ ଏଠାକାର ମଣିଷ ଅଭାଗ୍ୟବନ୍ତ, ଯାହାର ଦେହ ମନ ଏକାନ୍ତ ଶ୍ରୀହୀନ । ସୁତରାଂ ଏଠାରେ କବି ମନରେ ବିଷାଦ ଭାବ ସୃଷ୍ଟି ହୋଇଥିବା ବିଷୟକୁ ଅସ୍ୱୀକାର କରାଯାଇନପାରେ । ପରନ୍ତୁ ସମୟ ଚେତନାର ସମ୍ଭାବନାହୀନତା ମଧ୍ୟ ଏଠାରେ ସୁସ୍ପଷ୍ଟ । ଅବିଶ୍ୱସ୍ତ ସମୟ ପ୍ରତି କବି ମନରେ ଅନେକ ସଂଦେହ । ତେଣୁ ଏହି ମେଦିନୀ କବିଙ୍କ ପାଇଁ ମିଥ୍ୟା ଓ ଅସନ୍ତୋଷ ପରିପୂର୍ଣ୍ଣ ମାଟିର ପରିଚୟ ବ୍ୟତିରେକ ଆଉ ବା କ'ଣ ହୋଇପାରେ ? (ପାଣିଗ୍ରାହୀ, ଡଃ ନଳିନୀ କୁମାର- କବିତାର ବାସ୍ନା : କବିର ବିଭୋରତା, ୨୦୧୧, ଏଥେନା ବୁକ୍ସ, ଭୁବନେଶ୍ୱର, ପୃଷ୍ଠା: ୮୦) ସୁତରାଂ କବିଙ୍କ କାବ୍ୟକ ବକ୍ତବ୍ୟରେ ଉପର୍ଯ୍ୟୁକ୍ତ ଭାବଟି କିପରି ଜୀବନ୍ତ ହୋଇପାରିଛି, ତାହାକୁ ଲକ୍ଷ୍ୟ କରାଯାଇପାରେ । ଯଥା-

''ଆକାଶରୁ ମେଘ ବି ଖସେନା
ମିଥ୍ୟା ଅସନ୍ତୋଷ ଭରା ମେଦିନୀକୁ
ଏକପାଦ ଦୁଃଖର କାତର ଆତୁର
ଧାର ଧାର ଲୁହ
ଲୋଭର ଘନ ଘଟାରେ ଚୌଦିଗ ଅଥୟ ।''

କେବଳ ସେତିକି ନୁହେଁ, ବିଷାଦବୋଧର କରୁଣ ଭାବ ସାଙ୍ଗକୁ ମୁକ୍ତିର ମଧୁମୟ ଆବେଗ କବି-ହୃଦୟକୁ ଆନ୍ଦୋଳିତ କରିଥିବା ଏକାନ୍ତ ଅନୁଭବ୍ୟ । ମୁକ୍ତିକାମୀ ଚିନ୍ତନରେ ତାଙ୍କ ହୃଦୟର ପ୍ରତିଟି କୋଣ ଅନୁକୋଣ କମ୍ପି ଉଠିବା ମଧ୍ୟ ପରିଲକ୍ଷିତ ହୁଏ । ପାଉଁଶରେ ପୋତି ହୋଇଥିବା ଭାଗ୍ୟ ମଧ୍ୟ କ୍ଷଣିକ ମଧ୍ୟରେ ତେଜି ଉଠିବା କଥାକୁ ସେ ସ୍ୱୀକାର କରିଥିବା ଜଣାଯାଏ । ''ବିଶ୍ୱାସ କରୁଚ ଆଗୋ / ପାଉଁଶରେ ପୋତି ହେଇ ପଡ଼ିଥିବା ଭାଗ୍ୟ ମୋର / ମୁହୂର୍ତ୍ତକ ପାଇଁ ବତୀଶିଖାଟିଏ ପରି ଚମକି ଉଠିଲା ।'' (ପାଳଭୂତ) ଆଲୋଚ୍ୟ କବିତା ସଂକଳନର ପ୍ରତିଟି କବିତା ଏକ ଉତ୍ତରଣମୁଖୀ ଚେତନାରେ ଋଦ୍ଧିମନ୍ତ । ଜ୍ଞାନୋଦୟର ନବ୍ୟ ସମ୍ଭାବନାରେ ପ୍ରତିଟି ଶବ୍ଦ ମହିମୋଜ୍ଜ୍ୱଳ । ସବୁ ଶବ୍ଦ ମୁକ୍ତିର ନିଶବ୍ଦ ଚେତନାରେ ମୋହାବିଷ୍ଟ । ତେଣୁ ସଂସାରର ଅଳିକତା ଅପେକ୍ଷା, ଐଶ୍ୱରୀୟ କୃପାର ଚରିତାର୍ଥତା ପାଇଁ କବିଙ୍କ ମନ ବେଶି ଉଚ୍ଚାଟିତ ହୋଇଥିବା କଥାକୁ ଅସ୍ୱୀକାର କରାଯାଇପାରେନା । 'ସେପ୍ଟେମ୍ବର ସେପ୍ଟେମ୍ବର' କବିତାରେ ଏହି ଭାବନାର ଊର୍ଦ୍ଧ୍ୱମୁଖୀନତାକୁ ସହଜରେ ଅନୁଭବ କରିହୁଏ । ଯଥା-

''ପୃଥିବୀ ପରି ପ୍ରାଚୀନ ମୋର ଦୁଃଖ
ଋତୁ ପରି ସେ ଦୁଃଖର ହେତୁ


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରୂପ ବଦଳାଉଥାଏ ମାତ୍ର ।
ସତ କହିଲେ
ସେପ୍ଟେମ୍ବର କି ଏପ୍ରିଲ୍
କୋଉ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ କରିପାରିବେ
ମୋର ଆଂଜୁଳି ।''

ଏଠାରେ ହରାଇବାର ଦୁଃଖ ନାହିଁ କି; ଅପ୍ରାପ୍ତିର ହତାଶବୋଧ ନାହିଁ । ବରଂ ଜୀବନ ଓ ଜଗତର ଚିରନ୍ତନ ସତ୍ୟକୁ ଉପଲବ୍ଧି କରିବାର ଆତ୍ମତୃପ୍ତି ଅଛି ବୋଲି ସ୍ୱୀକାର କରାଯାଇପାରେ । ହରାଇବାର ପରିବର୍ତ୍ତେ ପ୍ରାପ୍ତିର ରୋମାଞ୍ଚିଟିଏ ଅନୁଭୂତ ହୁଏ । ଯଥା- ''ବରଂ ଏଇ ହରାଇବା/ ମୋ ଅନୁଭବକୁ/ ସୁବର୍ଣ୍ଣ ମୁକୁଟଟିଏ ମାରିଦିଏ / ମୋ ଶୀତକୁ, ଅନ୍ଧାରକୁ, ସାଧାରଣତାକୁ / ଅର୍ଥମୟ କରିଥାଏ ।'' (ହଜିଯିବା)ଏତଦ ବ୍ୟତୀତ 'କାଲି ରଜନୀ ଗୋ', 'ଏକ ରାତି ପାଇଁ ଫୁଟି, ଆକସ୍ମିକତା' ପରି ଅନେକ କବିତା ଏହି ଚେତନାରେ ଶ୍ରୀମଣ୍ଡିତ ହୋଇଛି ।

ସବୁସତ୍ତ୍ୱେ 'ଆମର ଈର୍ଷା' କବିତାଟିରେ ଉତ୍ତରଣ ଚେତନାର ପରିପକ୍ୱତାକୁ ଅନୁଭବ କରିହୁଏ । ସାଂସାରିକ ଜୀବନର ଅଭିଜ୍ଞତା କବିତାଟିର ପ୍ରତ୍ୟେକ ଶବ୍ଦକୁ କରିଛି ଜୀବନ୍ତ । ଜୀବନର ଅସାରତା ତଥା ହିଂସା, ଦ୍ୱେଷ, ମନୋମାଳିନ୍ୟ, ରୁଷାରୁଷି, ମାନଅଭିମାନର ଅସାରତା କବିତାର ପ୍ରଥମ ପର୍ଯ୍ୟାୟରେ ପ୍ରତିଫଳିତ । ଯଥା- ''କେଡ଼େ ଅବାନ୍ତର ଥିଲା ଆମର ରୁଷାରୁଷି/ ଆମ କଳହ / ଆମର ଈର୍ଷା'' । ଜୀବନର ଅଳିକତା, ନଶ୍ୱରତା ପ୍ରତି ସର୍ବଦା ସଚେତନ ଥିବା ମଣିଷ ବାରମ୍ବାର ଏପରି ଅପରିଣାମଦର୍ଶୀ କାର୍ଯ୍ୟ କରେ କାହିଁକି ? ଏହା ଏକ ଜଟିଳ ପ୍ରଶ୍ନ । ଅପରପକ୍ଷେ, ସବୁ ଥିବା ସତ୍ତ୍ୱେ କିଛି ନଥିବାର ଯନ୍ତ୍ରଣାରେ ଯୁଗେ ଯୁଗେ ମଣିଷ କାହିଁକି ଯନ୍ତ୍ରଣାସିକ୍ତ ହୁଏ । ଏହାର ଗୋଟିଏ ମାତ୍ର ଯଥାର୍ଥ ଉତ୍ତର ହୋଇପାରେ- ମଣିଷର ବର୍ତ୍ତମାନ- ସର୍ବସ୍ୱ ଜୀବନଚର୍ଯ୍ୟା । ତାହାହିଁ ତା'ର ଅପରିଣାମଦର୍ଶିତା । ଯାହା ତାକୁ ଯୁଗେ ଯୁଗେ ଦୁଃଖର କବର ତଳେ ସମାଧି ଦିଏ । ତେଣୁ କବି କହନ୍ତି-

''ଆମେ କ'ଣ ଜାଣିଥିଲେ ଅବଶିଷ୍ଟ ଦିନ
ନୂଆ ନୂଆ ବିଫଳତା ମାନଙ୍କର ଘନିଷ୍ଠ ପରିଚୟରେ
ବୁଡ଼ିଯିବ-
ମରିବାକୁ ଯାଉଥିବା କୁକୁଡ଼ାଟେ ପରି
ମୁଣ୍ଡ ମୋଡ଼ି ଘୁମେଇଁ ଘୁମେଇଁ
ବାକିତକ ବେଳ କଟିଯିବ ?'' (ଆମର ଈର୍ଷା)

ଏତେ ପରେ ବି ନିୟତି ଉପରୁ ମଣିଷର ବିଶ୍ୱାସ ତୁଟେ ନାହିଁ । ସବୁ ନାହିଁ ମଧ୍ୟରେ ହଁ'ଟିଏତ ଐଶ୍ୱରୀୟ କୃପା । ମଣିଷ ଯେତେ ତ୍ରୁଟି କଲେ ସୁଦ୍ଧା କ୍ଷମା ଦେବାର ପରମ କାରୁଣିକ ପୁରୁଷ ହେଲେ ସେହି ଈଶ୍ୱର । ତେଣୁ ପ୍ରତ୍ୟେକ ମଣିଷ ଜୀବନର ଶେଷ ପାଦରେ ସେହି ଦିବ୍ୟସତ୍ତାଙ୍କ ଆନୁଗତ୍ୟ ସ୍ୱୀକାର  କରିବାକୁ ବାଧ୍ୟ । କାରଣ ସେ ହିଁ ସର୍ବ କ୍ଷମା ଓ ଦୟାର ଏକମାତ୍ର ମାଧ୍ୟମ । ଏହାକୁ କବି ପ୍ରତିଭା ଶତପଥୀ 'ପ୍ରତ୍ୟାଶିତ' କବିତାରେ ସ୍ୱୀକାର କରି କହନ୍ତି-

''ମୋ ନିୟତି ଆଜି
ଚିରାଚରିତ ତା'
ଉପହାସ, ଆଘାତ ଓ ଦୁର୍ଯୋଗର
ଅଭ୍ୟାସ ସତ୍ତ୍ୱେ ବି
କରୁଣା ବ୍ୟଞ୍ଜିତ ଚାହାଣିରେ ମତେ
ଦେଖୁଥିଲା ମୁହୂର୍ତ୍ତେ ମୁହୂର୍ତ୍ତେ ।''

ଏଠାରେ 'ଭାଗବତ' ଗ୍ରନ୍ଥର ''ଦଣ୍ଡିବା ଶକ୍ତି ଯା'ର ଥାଇ । ସେ ପୁଣି କ୍ଷମା ଆଚରଇ ।'' ପଦଟିକୁ ସ୍ମରଣ କରାଯାଇପାରେ । ଅର୍ଥାତ୍ ସେହି ଦିବ୍ୟସତ୍ତା ଦଣ୍ଡ ଦେଇପାରେ, କ୍ଷମା ମଧ୍ୟ ଦେଇପାରେ । ତେଣୁ ତା'ର କରୁଣା ବ୍ୟଞ୍ଜିତ ଚାହାଣି ହିଁ ମନୁଷ୍ୟର ଏକମାତ୍ର ଧ୍ୟେୟ ହେବା ସର୍ବାଦୌଚିତ । ସୁତରାଂ ଆଲୋଚ୍ୟ ସଂକଳନର ସମସ୍ତ କବିତା ଏହି ଦିବ୍ୟଚେତନାର ଛାୟାରେ ପରିଲକ୍ଷିତ ଏବଂ ପରିବର୍ଦ୍ଧିତ ବୋଲି ସ୍ୱୀକାର କରାଯାଇପାରେ ।

କେବଳ ସେତିକି ନୁହେଁ ଗ୍ରନ୍ଥଟିର 'ପୃଷ୍ଠବନ୍ଧ'ଟି କବିଙ୍କ ଚେତନାର ଯଥାର୍ଥତାକୁ ପ୍ରମାଣିତ କରେ । ଏକ ଉତ୍ତୀର୍ଣ୍ଣ ଚେତନା, ଅନୁଭବୀ ଆବେଗ, ସର୍ବୋପରି କବିସତ୍ତାର ସାର୍ଥକତା ପ୍ରମାଣ କ୍ଷେତ୍ରରେ ଏହାର ଭୂମିକା ଅତୁଳନୀୟ କହିଲେ ସତ୍ୟର ଅପଳାପ ହେବନାହିଁ । ପୃଷ୍ଠବନ୍ଧର ଠାଏଁ କବି ପ୍ରତିଭା ସ୍ୱୀୟ ଅନୁଭବକୁ ପ୍ରକାଶ କରିବାକୁ ଯାଇ କହିଛନ୍ତି- ''ମାନବିକ ଅଜ୍ଞତାରୁ ସଂଜାତ ମୋର ଅଭିବ୍ୟକ୍ତିରେ ପ୍ରସ୍ତ ପ୍ରସ୍ତ ଅଜ୍ଞତାର ଆବରଣ । ତଥାପି କହିବି, ମୁହୂର୍ତ୍ତ ଚିରନ୍ତନ, ଅମଳିନ, ଅକ୍ଷର । ହଁ ଗୋଟିଏ ମୁହୂର୍ତ୍ତର ସ୍ୱାନୁଭବ ସମଗ୍ର ଜୀବନର ପରିପୂର୍ଣ୍ଣତାର ସମକକ୍ଷ ହୋଇପାରେ- ହୋଇପାରେ ବି ସମଗ୍ର ଜୀବନର ସମ୍ଭାବନାଠୁଁ ଅଧିକ । କିନ୍ତୁ ମୋର ଏକା ଅଭିବ୍ୟକ୍ତି ଉପରୁ କ୍ଷଣିକତାର ଅନିବାର୍ଯ୍ୟ ଛାଇକୁ ପୋଛିଦେଇ ହେଉନାହିଁ । ମୋର ଅଜ୍ଞତା ଓ ଅସାମର୍ଥ୍ୟ ମୋର ଏଇ ଅଭିବ୍ୟକ୍ତି ସ୍ୱାଧୀନ ହୋଇ ପାରୁନାହିଁ ।" (ପୃଷ୍ଠା: ୧୧୧) କବିଙ୍କ ଏହି ସ୍ୱୀକାରୋକ୍ତି ସ୍ୱୀୟ ପରିପକ୍ୱ ମାନସିକତାର, ନିଃସ୍ୱାର୍ଥ କବିପଣିଆର, ସର୍ବୋପରି ଜଣେ ପ୍ରାଜ୍ଞ ତଥା ଅନୁଭବୀ ମଣିଷର ପରିଚୟ ପ୍ରଦାନ କରେ କହିଲେ ଅପ୍ରାସଙ୍ଗିକ ହେବନାହିଁ । ବାସ୍ତବରେ 'ନିମିଷେ ଅକ୍ଷର' ଦିବ୍ୟ ଚେତନାର ଏକ ମୁଗ୍ଧ ସ୍ୱର; ବିଷାଦ ଓ ମୁକ୍ତିର ଅମୃତ ସ୍ୱାକ୍ଷର । ଗୋଟିଏ ପାର୍ଶ୍ୱରେ ପାର୍ଥିବ ଜୀବନର ସମ୍ମୋହନ ଏବଂ ଅପର ପାର୍ଶ୍ୱରେ ମୁକ୍ତି ପ୍ରତି ନିଃସର୍ତ୍ତ ପ୍ରୟାସ । ଅବସାଦଗ୍ରସ୍ତ, ଶୋକାତୁର ଭାବର ତାଡ଼ନାରେ କେତେବେଳେ କବି-ପ୍ରାଣ ନୟାନ୍ତ ତ , କେତେବେଳେ ବା ମୁକ୍ତିର ମହମହ ସୁରଭିରେ ସୌରଭାନ୍ୱିତ । ଏ ସମସ୍ତ ଦୃଷ୍ଟିରୁ କୁହାଯାଇପାରେ ଯେ ପ୍ରତିଭା ଶତପଥୀଙ୍କ 'ନିମିଷେ ଅକ୍ଷର' ବାସ୍ତବରେ ବିଷାଦ ଓ ମୁକ୍ତିର ଅମୃତ ସ୍ୱାକ୍ଷର।

### ସନ୍ଦର୍ଭ ଗ୍ରନ୍ଥସୂଚୀ


1. ପାଣ୍ଡବ, ଡ଼. ଶତ୍ରୁଘ୍ନ। *ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା*। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୮୮। ପୃଷ୍ଠା ୨୦୩।
2. ପାଣିଗ୍ରାହୀ, ଡ଼. ନଳିନୀ କୁମାର। *କବିତାର ବାସ୍ନା: କବିର ବିଭୋରତା*। ଭୁବନେଶ୍ୱର: ଏଥେନା ବୁକ୍ସ; ୨୦୧୧। ପୃଷ୍ଠା ୮୦।
3. ଶତପଥୀ, ପ୍ରତିଭା। *ନିମିଷେ ଅକ୍ଷର*। କଟକ: ବିଦ୍ୟାପୁରୀ; ୧୯୮୫। ପୃଷ୍ଠା ୧୧୦–୧୧୧।
4. ଫ୍ରଷ୍ଟ, ରବର୍ଟ। *ବରଫ ରାତିରେ ଜଙ୍ଗଲ ପାଖରେ ଠିଆ ହେବା* (Stopping by Woods on a Snowy Evening)। ୧୯୨୩ (ଲେଖାଯାଇଥିଲା ୧୯୨୨ରେ)।


**Creative Commons (CC) License**
This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.


© 2025 Dr. Shashikumar V. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/